ରାଜ୍ୟ ଖବର
ଅମୃତ ଦୁନିଆ
୩ ଜୁଲାଇ ୨୦୨୫

ମଧ୍ୟାହ୍ନଭୋଜନ ଚାଉଳ ହରିଲୁଟ ଅଭିଯୋଗ

ମାହାଙ୍ଗା(ଅମୃତ ମିଡିଆ): ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ କୋଭିଡ୍ ସମୟରେ ୨୦୧୯ ମସିହାରୁ ୨୦୨୧ମସିହା ମଧ୍ୟରେ ଆସିଥିବା ଚାଉଳକୁ ବଣ୍ଟନ ଦାୟିତ୍ୱରେ ଥିବା ଠିକାଦାର ସଂସ୍ଥା ଦ୍ୱାରା ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏପରିକି ୭୫୦କ୍ୱିଣ୍ଟାଲ ଚାଉଳ ଅନିୟମିତତା ହୋଇଥିବା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ଚପାଇଦେବା ପାଇଁ ଜିଲ୍ଲା ମଧ୍ୟାହ୍ନଭୋଜନ ୟୁନିଟ୍(ବିଏମ୍ୟୁ) ଚାପ ପକାଉଥିବା ଏବେ ସାଧାରଣରେ ଆଲୋଚନା ହେଉଛି। ଘଟଣାର ସତ୍ୟସତ୍ୟ ଜାଣିବା ପାଇଁ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ସୂଚନା ତଥ୍ୟ ମଗାଯାଇଥିବା ଜଣାପଡିଛି। ଏଣୁ ତୁରନ୍ତ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ କୋଭିଡ୍ ସମୟରେ ମାହାଙ୍ଗା ବ୍ଲକକୁ ଆସିଥିବା ମଧ୍ୟାହ୍ନଭୋଜନ ଚାଉଳର ନିରପେକ୍ଷ ତଦନ୍ତ କରି ଏଥିରେ ସଂପୃକ୍ତି ଥିବା ଠିକାଦାରୀ ସଂସ୍ଥା ଓ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କ ବିରୁଦ୍ଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦୃଢ଼ ଦାବି ହେଉଛି।

ଦେଶୀମଦ ଜବତ ସହ ୪ ଗିରଫ

୨ହଜାର ପୋଚ ନଷ୍ଟକଲା ଅବକାରୀ ବିଭାଗ

ନୀଳଗିରି; ନୀଳଗିରି ଅବକାରୀବିଭାଗ ଏବଂ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ଆନୁକୂଲ୍ୟରେ ନୀଳଗିରିର ବିଭିନ୍ନ ସ୍ଥାନରେ ଚଢାଉକରି ୪୪୮ଲିଟର ଦେଶୀମଦ ଜବତ କରିବା ସହିତ ୨ହଜାର ଲିଟର ପୋଚ ନଷ୍ଟକରିଛି। ସଜନାଗଡ ପଞ୍ଚାୟତ ବାଣ୍ଡିଆପଡା ଗ୍ରାମର ମଙ୍ଗୁଲି ସିଂ(୪୫)ଙ୍କ ଠାରୁ ୪୦ଲିଟର ଦେଶୀମଦ ଜବତ କରିଥିବା ବେଳେ ଅଯୋଧ୍ୟା ଅଞ୍ଚଳର ରାଜେନ୍ଦ୍ର ସିଂ (୩୫) ଙ୍କ ଠାରୁ ୨୫ଲିଟର, ଚାପଲସାହି ଗ୍ରାମର ସୁଭଦ୍ରା ଟୁଡୁ(୩୫) ଙ୍କ ଠାରୁ ୨୩ଲିଟର ଏବଂ ଝରଣାଘାଟି ଅଞ୍ଚଳର ଖୁପ ମାରାଣ୍ଡି (୪୨) ଙ୍କ ଠାରୁ ୧୬୦ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ବାଣ୍ଡିଆପଡ଼ା ଅଞ୍ଚଳରୁ ୨ଶହ ଲିଟର ଦେଶୀମଦ ଜବତ କରିଥିବା ମିଳିତ ଟିମ୍ ୨ହଜାର ପୋଚ ନଷ୍ଟ କରିଦେଇଥିବା ବେଳେ ଏହାର କୌଣସି ଦାବୀଦାର ନଥିବା ସୂଚନା ମିଳିଛି। ଏହି ଚଢ଼ାଉରେ ନୀଳଗିରି ରେଞ୍ଜ ଅବକାରୀବିଭାଗର ଇନ୍ସପେକ୍ଟର କେଶବଚନ୍ଦ୍ର ଦାସ, ବାଲେଶ୍ୱର ଭ୍ରାମ୍ୟମାଣ ଇନ୍ସପେକ୍ଟର ହରିହର ସିଂ, ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ଭ୍ରାମ୍ୟମାଣ ସବ୍ ଇନ୍ସପେକ୍ଟର ଭବେଶ ଦାସ ଏବଂ ଅନ୍ୟକର୍ମଚାରୀ ସାମିଲଥିଲେ।

ସମାନ କାମକୁ ସମାନ ଦରମା ଦାବିରେ

ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ୧୨ ଘଣ୍ଟିଆ ଧାରଣା

ଜଗତସିଂହପୁର(ଅମୃତ ମିଡିଆ): ସମାନ କାମକୁ ସମାନ ଦରମା ନିର୍ବାଚନୀ ସଂକଳ୍ପ କରି ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଙ୍ଘ (ଓସ୍ପେଲିଆ) ର ଦାବି ୦୧ ଜୁନ ୨୦୦୮ ରୁ ୦୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ଲାଗି ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ ଜଗତସିଂହପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଘ ତରଫରୁ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା ! ସଂଘର ଏକମାତ୍ର ଦାବି ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଓ ଅଣଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୦୧ ଜୁନ ୨୦୦୮ ରୁ ୦୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ରାଜ୍ୟ ସରକାର ସରକାରୀ ଅନୁଦାନ ପରିସରଭୁକ୍ତ କରନ୍ତୁ। ଏହି ସମସ୍ୟା ଆଜିର କି କାଲିର ନୁହଁ ବରଂ ଦୀର୍ଘ ବର୍ଷ ଧରି ଆମେ ସରକାରଙ୍କ ୧୫ ସହ ଅଣ ଅନୁଦାନ ପ୍ରାପ୍ତ କଲେଜ ଗୁଡିକରେ କାର୍ଯ୍ୟକରି ଆସୁଛୁ । କିନ୍ତୁ ଆଜକୁ ୧୭ ବର୍ଷ ବିତିଯାଇଥିଲେ ମଧ୍ୟ ସରକାର ଆମମାନଙ୍କ ନିମନ୍ତେ ଚିନ୍ତାକଲେ ନାହିଁ କି ଅଣ ଅନୁଦାନ କଲେଜ ଗୁଡିକୁ ଅନୁଦାନ ଦେଲେ ନାହିଁ । ଧାରଣା ସ୍ଥଳରେ ବସିଥିବା ଅଧ୍ୟାପକ ଓ ଅଧ୍ୟାପିକା କହିବା ଅନୁଯାୟୀ ଦାବି ପୂରଣ ନିମିତ୍ତ ନୂଆ ସରକାର ଶପଥ ନେବା ଦିନଠାରୁ ଏପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠରେ ୧୦ ଥର ସାକ୍ଷାତ ଆଲୋଚନା କରିଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ଦାବିପୂରଣ ଦିଗରେ ସମ୍ପୂର୍ଣ୍ଣ ନିରବ । ଯଦିଓ ସ୍ଥାୟୀ କମିଟି -୪ର ସୁପାରିସ କ୍ରମେ ସରକାର ୨୦୦୮ ରୁ ୨୦୧୮ ଅନୁଦାନ ପ୍ରଦାନ ନିମିତ୍ତ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ, ମାର୍ଚ୍ଚ ୨୦୨୫ ରୁ କମିଟିର ୩ମାସ କାର୍ଯ୍ୟକାଳ ରହିଥିଲେ ମଧ୍ୟ କମିଟି କୌଣସି ନିର୍ଯାସରେ ପହଞ୍ଚି ପାରିଲା ନାହିଁ । ୦୧ ଜୁନରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ୯ ତାରିଖ ପର୍ଯ୍ୟନ୍ତ କଣ୍ଟ ଦେଇଥିଲେ । ଏହି ସମୟସୀମା ମଧ୍ୟରେ ସରକାର ଦାବିପୂରଣ ଦିଗରେ କୌଣସି ତତ୍ପରତା ପ୍ରକାଶ ନକରିବାରୁ ୧୦ ତାରିଖରୁ ସାରା ରାଜ୍ୟରେ ପଥପ୍ରାନ୍ତ ସଭା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ଚାଲିଛି । ଏହି କ୍ରମରେ ବୁଧବାର ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଘଣ୍ଟିଆ ଧାରଣା ଦିଆଯାଇଛି । ଦାବିପୂରଣ ନହେଲେ ଏହ ଧାରଣା ଆହୁରି ତୀବ୍ରତର ଓ ଭୟାବହ ହେବ । ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ । ଏହି କାର୍ଯ୍ୟକ୍ରମରେ କଟକ ବିଭାଗ ସଂଯୋଜକ ପପିନ୍ଦ୍ର ଲେଙ୍କା, ଜଗତସିଂହପୁର ଜିଲ୍ଲା ସଂଯୋଜକ ଚଗଲି ଚରଣ ସ୍ୱାଇଁ, ବାଲିକୁଦା ଖଣ୍ଡ ସଂଯୋଜକ ଦିଲ୍ଲୀପ କୁମାର ବିଶ୍ୱାଳ, ସୁଜାତା ଦାସ, ପ୍ରଦୀପ କିଶୋର ମିଶ୍ର, କୁସୁମା ମାଝୀ, ଦିପ୍ତିମୟୀ ଜେନା, ଜେସସ ରାୟ, ସ୍ୱର୍ଣ୍ଣମୁଦ୍ରା ରାଉତ, ସ୍ମୃତିରଞ୍ଜନ ମହାରଣାଙ୍କ ସହ କଲେଜ ପ୍ରତିନିଧି ମାନେ ଧାରଣାରେ ବସିଥିଲେ ।

ଶ୍ରୀକ୍ଷେତ୍ର ନୀଳଗିରିରେ ସେବା କାର୍ଯ୍ୟ ଅନୁଷ୍ଠିତ

ନୀଳଗିରି(ଅମୃତ ମିଡିଆ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ଜିଲ୍ଲା ନୀଳଗିରି ନଗର ତରଫରୁ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାରେ ହଜାର ହଜାର ଭକ୍ତ ମାନଙ୍କ ପାଇଁ ଏବିଭିପି ତରଫରୁ ଜଳ ବିତରଣ, ଆବର୍ଜନା ସଫେଇ ଏବଂ ଶହଶହ ବୃଦ୍ଧ

ଭକ୍ତ ମାନଙ୍କୁ ରଥରେ ଚଢ଼ିବା ପାଇଁ ଅସୁବିଧା ଯୋଗାଇ ସେମାନଙ୍କୁ ରଥ ଚଢ଼େଇବା ପାଇଁ ସହଯୋଗ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏବିଭିପି ନୀଳଗିରି ନଗର ସଭାପତି ଡ. ଅକ୍ଷୟ କମାର ପାଣଗ୍ରାହୀ ଏବଂ ବିଭାଗ ସଂଯୋଜକ ସଂଜୀବ କୁମାର ମହାରଣା ଓ ନଗର ଉପସଭାପତି ଜ୍ଞାନରଞ୍ଜନ ବେହେରା ସମେତ ନଗର ସଂପାଦକ ସୁଶାନ୍ତ କୁମାର ନାୟକ,କୁଳଦୀପ କେଶି, କିରଣ କୁମାର ପଣ୍ଡା , ଉମାକାନ୍ତ ଦାସ୍ , ଅଭିନାସ୍ ନାୟକ, ଓମ ପ୍ରକାଶ ରଥ , ତନ୍ମୟ ରଞ୍ଜନ ସାମଲ, କିମତ୍ ସିଂ, ଗଣେଶ୍ୱର ମୁଦୁଲି , ସାଇସତ୍ୟ ପ୍ରକାଶ ପ୍ରଧାନ, ସୁସଭନ୍,ଗୋବିନ୍ଦ ବେହେରା , ଲକ୍ଷ୍ମୀଧର ବେହେରା , ଆଶିଷ ଜେନା , ପ୍ରଶାନ୍ତ ଜେନା, ଚନ୍ଦନ ଜେନା , ରାକେଶ ବାରିକ , ଓମ୍ ପ୍ରକାଶ ବାରିକ , ରବୀନ୍ଦ୍ର ବେହେରା , ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୀଳଗିରିର ବିଭିନ୍ନ ମହାବିଦ୍ୟାଳୟରୁ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

ଓଏଏସ, ଓଆରଏସ ସଂଘ, କଳାବ୍ୟାଜ ପରିଧାନ କରି ଶୋଭାଯାତ୍ରା

ଛତ୍ରପୁର(ଅମୃତ ମିଡିଆ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟରେ ସୋମବାର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରି ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଓଏଏସ ଓ ଓଆରଏସ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଛି। ସମସ୍ତେ ସମୂହ ଛୁଟି ଯାଇଛନ୍ତି, ଏନେଇ ସଂଘ ସଭାପତି ତଥା ଏଡିଏମ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ପ୍ରତିବାଦ ସଭା କରାଯାଇ ବିଏମସି ଅତିରିକ୍ତ କମିଶନର ସାହୁଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏଥି ଲାଗି ଉସକାଇ ଥିବା ବ୍ୟକ୍ତି ମାନଂକୁ ମଧ୍ୟ ଗିରଫ କରିବାକୁ କୁହାଯାଇଛି, ସମସ୍ତ ଙ୍କୁ ସୁରକ୍ଷା ଯୋଗାଇବା ନିମନ୍ତେ ଦାବୀ କରିଛି ଓଏଏସ ଓ ଓଆରଏସ ସଂଘ। ଏହି ଅବସର ରେ ସ୍ଥାନୀୟ ସର୍କିଟ ହାଉସ ସମସ୍ତେ କଳାବ୍ୟାଜ ପରିଧାନ କରି ଏକ ଶୋଭାଯାତ୍ରା ବାହାରି ଗଞ୍ଜାମ ଜିଲ୍ଲାପାଳ

କାର୍ଯ୍ୟାଳୟ ରେ ପହଂଚି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଙ୍କୁ ସମୂହ ଛୁଟି ନିମନ୍ତେ ଏକ ପତ୍ର ପ୍ରଦାନ କରାଯାଇଛି, ଏହା ସହିତ ରାଜ୍ୟ ସଂଘ କୁ ମଧ୍ୟ ଦାବୀ ପତ୍ର କରାଯାଇଛି, ସେହିପରି ଓଆରଏସ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର କରାଯାଇଛି ଏଥିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ଏମକେସିଜି ରେଜିଷ୍ଟର ସଂଗ୍ରାମ ପଣ୍ଡା, ଗଞ୍ଜାମ ଜିଲ୍ଲା ପରିଷଦ ର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ବ୍ରହ୍ମପୁର ମହାନଗର ନିଗମ ର ଡେପୁଟିକମିସନର କଲ୍ୟାଣୀ ସଂଘମିତ୍ରା ଦେବୀ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଲ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଡେପୁଟିକଲେକ୍ଟର (ଜରୁରୀ କାଳୀନ) ଅଭିଷେକ ସାହୁ, ଛତ୍ରପୁର ତହସିଲଦାର ସମ୍ମିତ ସଂଗ୍ରାମଜିତ ସାହୁ, ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା, ଗଞ୍ଜାମ ବ୍ଲକ ବିଡ଼ିଓ ଅଭିମନ୍ୟୁ ଯାନୀ, ଦିଗପହଣ୍ଡି ତହସିଲଦାର ସନ୍ତୋଷ ସାହୁ, କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକ ଙ୍କ ସହ ବିଭିନ୍ନ ବ୍ଲକର ବିଡ଼ିଓ, ତହସିଲଦାର ଓ ଓଆରଏସ ଅଧିକାରୀ ଯୋଗଦାନ କରିଥିଲେ।

କହ୍ନେଇପୁର ଗ୍ରାମପଞ୍ଚାୟତ ନୋଡ଼ାଳ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କହ୍ନେଇପୁର ଗ୍ରାମପଂଚାୟତ ନୋଡ଼ାଳ ଉଚ୍ଚବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଉତ୍ସବ ସହ ମେଧା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସାଇସ୍ମିତା ସାହୁ, ଛାତ୍ର ଆଦିତ୍ୟ ମହାବୀର ସାହୁ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଜ୍ୟୋତିରେଖା ସାହୁଙ୍କୁ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବେଳେ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ପକ୍ଷରୁ ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଆରସିସି ଲବଙ୍ଗଲତା ନାୟକଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀ, ସମ୍ପାଦକ ସୁବ୍ରତ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଅଶୋକ ନାଥ, ଭାଗ୍ୟଧର ବେଜ, ରିଆଉଦ୍ଦିନ୍ ସାହା, ମନୋଜ ବେହେରା ଓ ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା ହାରି ଫାଶୀ ଲଗାଇଲେ ଯୁବକ

ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ): ଅନଲାଇନ୍‌ରେ ଗେମ୍ ଖେଳିବା ଏବେ ଯୁବପିଢ଼ୀଙ୍କ ପାଇଁ କାଳ ସାଜିଛି । ରାତାରାତି କୋଟିପତି ହେବା ଆଶାରେ ପଥଭ୍ରଷ୍ଟ ହୋଇ ଦିନରାତି ମୋବାଇଲ ଅନ୍‌ଲାଇନ୍ ଗେମ୍ ଖେଳି ବିଭିନ୍ନ ସମୟରେ ଯୁବପୀଢ଼ିମାନେ ଜୀବନ ହାରୁଥିବାର ଦେଖିବାକୁ ମିଳୁଛି । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ ଥାନା ଅନ୍ତର୍ଗତ ନିମେଷାପୁର ଗ୍ରାମରେ । ଏହି ଗ୍ରାମର ୨୩ ବର୍ଷୀୟ ଯୁବକ ବିଷ୍ଣୁପ୍ରସାଦ ଷଡ଼ଙ୍ଗୀ ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା ହାରିବା ପରେ ପରିବାରଲୋକଙ୍କୁ ଡରି ଗତକାଲି ବିଳମ୍ବିତ ରାତିରେ ନିଜ ଶୋଇବା ଘରେ ଫ୍ୟାନ୍‌ରେ ବେଡ଼ସିଟ୍ ସାହାଯ୍ୟରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବାର ସୂଚନା ମିଳିଛି । ସକାଳୁ ପରିବାରଲୋକେ ବିଷ୍ଣୁଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବାର ଦେଖି ଟାଙ୍ଗୀ ପୁଲିସ୍‌କୁ ଖବର ଦେଇଥିଲେ । ଖବର ପାଇ ଟାଙ୍ଗୀ ପୁଲିସ୍ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ଶବବ୍ୟବଚ୍ଛେଦ ପାଇଁ କଟକ ବଡ଼ମେଡ଼ିକାଲକୁ ପଠାଇଛି । ମୃତ ବିଷ୍ଣୁ ଟାଙ୍ଗୀସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଗ୍ରାମର ଜଣେ ନିରୀହ ଓ ଶାନ୍ତ ପିଲା ଭାବରେ ସେ ଜଣାଶୁଣା ଥିବା ବେଳେ ତାର ମୃତଦେହ ଆସିବା ପରେ ଗ୍ରାମର ଶତାଧିକ ଲୋକ ଗ୍ରାମ ମଶାଣିରେ ତାର ଶେଷକୃତ୍ୟରେ ସାମିଲ ରହିଥିଲେ ।

ସାପକାମୁଡାରେ ସରୋଜ କୁମାରଙ୍କ ମୃତ୍ୟୁ

ମାହାଙ୍ଗା(ଅମୃତ ମିଡିଆ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର ଗ୍ରାମର ସ୍ୱର୍ଗତ ଉଦୟନାଥ ରାଉତଙ୍କ ପୁତ୍ର ସରୋଜ କୁମାର ରାଉତ ବୟସ ୬୫ ଆଜି ବିଲରେ କାମ କରୁଥିଲା ବେଳେ ୧୨.୩୦ମିନିଟ୍‌ରେ ତାଙ୍କୁ ବିଷଧର ସର୍ପ ଆଘାତ କରିଥିଲା। ଚିକିତ୍ସା ନିମନ୍ତେ ସରୋଜଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକ ରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଶବବ୍ୟବଚ୍ଛେଦ ପାଇଁ କଟକ ବଡଡାକ୍ତରଖାନାକୁ ପଠାଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ସରୋଜ ରାଉତ ଜଣେ ଚାଷୀ ଥିଲେ। ରାଜ୍ୟ ସରକାର ତୁରନ୍ତ ତାଙ୍କୁ ସହାୟତା ପ୍ରଦାନ ନିମନ୍ତେ ସାଧାରଣରେ ଦାବି ହେଉଛି।

ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବାସୁଦେବପୁର(ଅମୃତ ମିଡିଆ): ବ୍ଲକ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାସାହି ରେ ଦୀର୍ଘ ଦିନ ଧରି କାର୍ଯ୍ୟରତ ପ୍ରଧାନ ଶିକ୍ଷକ ରାଜ କିଶୋର ବାରିକ୍ ଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଛି। ବିଦ୍ୟାଳୟ ର ପରିଚାଳନା କମିଟି ଓ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଅଭିଭାବକ ମାନଙ୍କ ପକ୍ଷ ରୁ ଆୟୋଜିତ ହୋଇ ଯାଇଛି ସମ୍ବର୍ଦ୍ଧନା ସଭା। ଅତିଥି ଭାବେ ଏ ବି ଇ ଓ ଉର୍ମିଳା କର, ତପନ କୁମାର ଦ୍ୱିବେଦୀ, ଶିକ୍ଷାବିତ୍ କମଳା କାନ୍ତ ପାଢ଼ୀ, ସମିତି ସଭ୍ୟ ପ୍ରମିଳା ମହାନ୍ତି, ସମାଜ ସେବୀ ଗୁରୁ ପ୍ରସାଦ ମହାନ୍ତି, ସରପଂଚ ଙ୍କ ପ୍ରତିନିଧି ସନ୍ତୋଷ କୁମାର ଦୀକ୍ଷିତ, ସି ଆର ସିଶି ଅଭିଷେକ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁରାମ ଜେନା ଓ ଅନ୍ୟ ଅତିଥି ମାନେ ଉପସ୍ଥିତ ଥିଲେ। ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ହିମାଦ୍ରୀ ନନ୍ଦିନୀ ମିଶ୍ରଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା। ସମସ୍ତେ ପ୍ରଧାନ ଶିକ୍ଷକ ଙ୍କ ବିଷୟ ରେ ଗୁଣ ଗାନ କରିଥିଲେ।

ଅସମ୍ପୂର୍ଣ୍ଣ ପ୍ରୋଟେକ୍ସନ ୱାଲ ନିକଟରେ ଖସିଲା ମାଟିଅତଡ଼ା

ଧୂଷୁରୀ(ଅମୃତ ମିଡିଆ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସାହାସପୁର ପଞ୍ଚାୟତ ଅଧୀନସ୍ଥ ଜଗନ୍ନାଥ ସାହି ଗାଁ ପାଖରେ ଗେଙ୍ଗୁଟି ନଦୀ ପ୍ରବାହିତ ହେଉଛି । ଏହି ନଦୀ ଏବେ ଗାଁ ପାଇଁ ଦୁଃଖ ପାଲଟିଛି । ଗ୍ରାମବାସୀଙ୍କ ନିର୍ମିତ କୋଠା ଘର ଗୁଡିକ ଏବେ ନଦୀ ଗର୍ଭରେ ଲୀନ ହେବା ଭଳି ପରିସ୍ଥିତି ଦେଖା ଦେଇଛି । ଏହାକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗ ପକ୍ଷରୁ ନଦୀ ପାର୍ଶ୍ୱରେ ନିର